# ସବୁଜ ସ୍ୱର୍ଣ୍ଣ

## Green Gold

News Letter

କୃଷି ବିଜ୍ଞାନ କେନ୍ଦ୍ର, (ଓ. ୟୁ.ଏ.ଟି.) ନୟାଗଡ଼

Krishi vigyan Kendra, (O.U.A.T.), NAYAGARH

ଜୁଲାଇ - ସେପ୍ଟେମ୍ବର ସମାଚାର ପତ୍ର ୨୦୨୧


### ବନୋମହୋତ୍ସବ ସପ୍ତାହ ପାଳିତ

ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମଠାରେ ତା୦୧.୦୭.୨୦୨୧ ରିଖରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ପ୍ରାୟତଃ ୬୦ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସକ୍ରିୟ ଅଂଶ ଗ୍ରହଣ କରି ପଥପାର୍ଶ୍ୱ,ଶ୍ମଶାନ ଭୂମି ଏବଂ ଆଖ ପାଖ କିଛି ପଡ଼ିଆ ଜମିରେ ବୃକ୍ଷରୋପଣ କରିଥିଲେ । କୃଷି ବିଜ୍ଞାନ ତରଫରୁ ଶ୍ରୀମତୀ ଗୀତାଞ୍ଜଳୀ ସୁବୁଦ୍ଧି, ବୈଜ୍ଞାନିକ (ଗୃହ ବିଜ୍ଞାନ) ଶ୍ରୀଯୁକ୍ତ ତ୍ରିବିଜୟୀ ବଡ଼ଜେନା (କୃଷି ସଂପ୍ରସାରଣ) ସ୍ଥାନୀୟ ସରପଞ୍ଚ ଶ୍ରୀ ଶରତଚନ୍ଦ୍ର ରଥ ଏବଂ ଓଡ଼ିଶା ଜୀବିକା ମିଶନର ସ୍ଥାନୀୟ କର୍ମକର୍ତ୍ତା ପ୍ରମୁଖ ଯୋଗଦାନ କରି ପରିବେଶପାଇଁ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଆଲୋକ ପାତ କରିଥିଲେ । ସର୍ବଶେଷରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଇଥିବା ବୃକ୍ଷ ଗୁଡ଼ିକର ରୋପଣ କାର୍ଯ୍ୟ କରାଯାଇଥିଲା ।




### ସ୍ୱଚ୍ଛଭାରତ ଅଭିଯାନ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନୟାଗଡ଼ ବ୍ଲକସ୍ଥିତ ଚିନେରା ଗ୍ରାମରେ ୪୦ ଜଣ ଚାଷୀଭାଇମାନଙ୍କୁ ନେଇ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କେନ୍ଦ୍ରର ଶ୍ରୀ ତ୍ରିବଜୟୀ ବଡ଼ଜେନା, ବୈଜ୍ଞାନିକ (କୃଷି ସଂପ୍ରସାରଣ) ଏବଂ ଶ୍ରୀମତୀ ସିଗ୍ଧା ପଟ୍ଟନାୟକ, (ବିଷୟବସ୍ତୁ ବିଶେଷଜ୍ଞ, ପାଣିପାଗ)ଙ୍କ ଦ୍ୱାରା ସମସ୍ତ ଋଷୀଭାଇମାନଙ୍କୁ ଏକତ୍ରିତ କରି ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପରିବେଶ ସୁରକ୍ଷା ସହିତ ସୁସ୍ଥ ପରିବେଶ ଗଠନର ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ । ଶେଷରେ ସମସ୍ତ ଗ୍ରାମର ଯୁବକମାନେ ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀ ତ୍ରିବିଜୟୀ ବଡ଼ଜେନା ଓ ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ ପରିଚାଳନା କରିଥିଲେ ।



### ପୁଷ୍ଟିକର ଖାଦ୍ୟର ନିରାପତାର ସଚେତନତା କାର୍ଯ୍ୟକ୍ରମ

କୃଷି ବିଜ୍ଞାନକେନ୍ଦ୍ର ପରିସରରେ ତା ୨୬.୦୮.୨୦୨୧ରିଖ ଦିନ ଜିଲ୍ଲାର ଋଷୀଭାଇ ଓ ଭଉଣୀ ମାନଙ୍କ ନିମିତ୍ତ ପୁଷ୍ଟିକର ଖାଦ୍ୟ



ନିରାପତ୍ତା ସମ୍ବନ୍ଧରେ ଆଜାଦୀର ଅମୃତ ମହୋତ୍ସବର ଏକ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଅନୀଲ କୁମାର ସ୍ୱାଇଁ ପୌରହିତ୍ୟ କରିଥିବା ବେଳେ ଗୃହ ବିଜ୍ଞାନୀ ଡ଼ଃ. ଗୀତାଞ୍ଜଳୀ ସୁବୁଦ୍ଧି ଋଷୀଭାଇ ଭଉଣୀ ମାନଙ୍କ ସ୍ୱାସ୍ଥ୍ୟ ନିମିତ୍ତ ସନ୍ତୁଳିତ ଆହାର ଆବଶ୍ୟକତା ଏବଂ ଏହାର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫୦ ଜଣ କୃଷିଜୀବି ଭାଇ ଓ ଭଉଣୀମାନେ  ଯୋଗଦାନ କରିଥିଲେ ।

## ଆନ୍ତର୍ଜାତୀୟ ମିଲେଟ୍ ବର୍ଷ ୨୦୨୩ ଅବସରରେ ପୁଷ୍ଟି ବଗିଚା ଓ ବୃକ୍ଷରୋପଣ ଅଭିଯାନ କାର୍ଯ୍ୟକ୍ରମ ।

ଗତ ତା ୧୯.୦୯.୨୦୨୧ ରିଖ ଦିନ କୃଷିବିଜ୍ଞାନ କେନ୍ଦ୍ର, ନୟାଗଡ଼ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମିଲେଟ ବର୍ଷ ୨୦୨୩ ଉପଲକ୍ଷେ ଏକ ସ୍ୱତନ୍ତ୍ର  ସିଧାପ୍ରାସରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର କୃଷିଜୀବି ଭାଇ ଓ ଭଉଣୀମାନେ ଯୋଗଦାନ କରି ଖାଦ୍ୟରେ ମିଲେଟ ଜାତୀୟ ଶସ୍ୟର ଗୁରୁତ୍ୱ, ଗୃହ ଅଗଣାରେ ପୁଷ୍ଟି ବଗିଚା ସୃଷ୍ଟି ଓ ବୃକ୍ଷରୋପଣ ଉପରେ ହୋଇଥିବା କୃଷକ ଓ ବୈଜ୍ଞାନିକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଅନୀଲ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବା ବେଳେ ଗୃହବିଜ୍ଞାନୀ ଡଃ. ଗୀତାଞ୍ଜଳୀ ସୁବୁଦ୍ଧି ପୁଷ୍ଟିବଗିଚା ତଥା ମିଲେଟ୍ ଜାତୀୟ ଖାଦ୍ୟର ଗୁରୁତ୍ୱ ଉପରେ ଆଲୋକ ପାତ କରିଥିଲେ ।



## ଚିଙ୍ଗୁଡ଼ି ଋଷରେ ଅନ୍ତଃଋଷର ସଫଳ କ୍ଷେତ୍ର ପଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଜିଲ୍ଲା ତରଫରୁ ୧୦ ଗୋଟି ସ୍ଥାନରେ ୧୦ ଜଣ ଅଗ୍ରଣୀ ମାଛଋଷୀ ଙ୍କୁ ନେଇ ଚିଙ୍ଗୁଡ଼ି ଋଷରେ ଅନ୍ତଃ ଋଷର ଏକ ସଫଳ କ୍ଷେତ୍ରପରୀକ୍ଷଣ କାର୍ଯ୍ୟକ୍ରମ କରାଯାଇଅଛି । ଏହି କାର୍ଯ୍ୟକ୍ରମ ଜରିଆରେ ଚିଙ୍ଗୁଡ଼ି ଋଷ ସହିତ ଗ୍ରାସ୍‌କାର୍ପ ମାଛ ଗୁଡ଼ିକର ଅନ୍ତଃ ଋଷ କରାଯାଇ ଋଷୀମାନେ ଲାଭବାନ୍ ହେବା ଉଦ୍ଦେଶ୍ୟରେ କେନ୍ଦ୍ର ତରଫରୁ ଏହି କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମଟି କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ତଥା ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଅନୀଲ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସମ୍ବନ୍ଧରେ ଋଷୀ ଭାଇମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭବିଷ୍ୟତରେ ମାଛଋଷୀ ଭାଇମାନେ ଏହିପରି ଋଷ କରିବାପାଇଁ ଆଗ୍ରହ ପ୍ରକାଶ କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା ।



## ଧାନର ପିଣ୍ଡ ବିହନ ଉତ୍ପାଦନ

ଚଳିତ ଖରିଫ୍ ୨୦୨୧ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ର ଫାର୍ମ ପରିସରରେ ହସନ୍ତ କିସମ ଧାନର ପିଣ୍ଡ ବିହନ ଉତ୍ପାଦନ ଏକ ହେକ୍ଟର କ୍ଷେତ୍ରରେ କରାଯାଇଥିଲା । ଏଥିରେ ସମସ୍ତ ପ୍ରକାର କୃଷି ଜ୍ଞାନ କୌଶଳ ଯଥା ଧାଡ଼ି ରୁଆ, ସମନ୍ୱିତ ଘାସ ପରିଚାଳନା , ସମନ୍ୱିତ ରୋଗ ଓ ପୋକ ପରିଚାଳନା ଏବଂ ସମନ୍ୱିତ ଖାଦ୍ୟସାର ପରିଚାଳନା ପଦର୍ଶିତ କରାଯାଇଥିଲା । ଏଥିରୁ ଉତ୍ପାଦିତ ହେବାକୁ ଥିବା ପିଣ୍ଡ ବିହନକୁ ଆଖପାଖ ଅଞ୍ଚଳର ଋଷୀଭାଇମାନଙ୍କୁ ଓ.ୟୁ.ଏ.ଟି. ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଛି ।




## ଗ୍ରାମୀଣ ଯୁବପୀଢି ମାନଙ୍କ ପାଇଁ ତାଲିମ୍ ଶିବିର

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଜିଲ୍ଲାର ଅଗ୍ରଣୀ ଗ୍ରାମୀଣ ଯୁବ ଋଷୀମାନଙ୍କୁ  ନେଇ ଏକ ତାଲିମ୍ ଶିବିର କୃଷି ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ୍ ଶିବିରଟି କୃଷିରେ ବ୍ୟବହୃତ ବିଭିନ୍ନ କୃଷି ଯନ୍ତ୍ରପାତିକୁ ନେଇ ଉଦ୍ୟୋଗ

ବିକାଶ କରିବା ଉଦ୍ଦେଶ୍ୟରେ କରାଯାଇଥିଲା । ଏହି ଅବସରରେ କେନ୍ଦ୍ରର କୃଷି ଯନ୍ତ୍ରପାତି ବିଭାଗର ବୈଜ୍ଞାନିକା ଇଂ. ସୁଚିସ୍ମିତା ଦ୍ୱିବେଦୀ କୃଷିଯାନ୍ତ୍ରୀକରଣର ଉପାଦେୟତା ତଥା ଭବିଷ୍ୟତରେ




ଏହି କୃଷିକ୍ଷେତ୍ରରେ ଯାନ୍ତ୍ରୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର ବିଭିନ୍ନ ଗ୍ରାମରୁ ୨୦ ଜଣ ଗ୍ରାମୀଣ ଯୁବକ ଯୋଗଦାନ କରିଥିଲେ ଏବଂ ଭବିଷ୍ୟତରେ ଗୋଟିଏ ଲେଖାଏଁ କୃଷିସେବା କେନ୍ଦ୍ର କରିବାପାଇଁ ଆଗ୍ରହ ପ୍ରକାଶ କରିଥିଲେ ।



### ଗାଜର ଘାସ ସଚେତନତା ଶିବିର

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକସ୍ଥିତ ଗୋଡ଼ିପଲ୍ଲି ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ପାଣି ପୋଇଲା ତରଫରୁ ଅଗଷ୍ଟ ତା ୧୯.୦୮.୨୦୨୧ ରିଖ ଦିନ ଗାଜର ଘାସ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀଯୁକ୍ତ ତ୍ରୀବିଜୟୀ ବଡ଼ଜେନା ଗାଜର ଘାସ ଦ୍ୱାରା ହେଉଥିବା କ୍ଷତି ସମ୍ବନ୍ଧରେ ଅବଗତ କରାଇଥିଲେ । ଏହାଦ୍ୱାରା ହେଉଥିବା ବିଭିନ୍ନ ରୋଗ ମଧ୍ୟରେ ଚର୍ମରୋଗ, ଶ୍ୱାସରୋଗ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ ଏହା ସହିତ ଦେଖାଯାଉଥିବା ଫସଲରେ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଏହି ଗାଜର ଘାସ ପବନ ଦ୍ୱାରା ବହୁତ ଶୀଘ୍ର ବ୍ୟାପିଥାଏ ଏବଂ ଏହାଦ୍ୱାରା ବହୁତ କ୍ଷତି ହୋଇଥାଏ । ଗ୍ରାମବାସୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏକତ୍ରିତଭାବେ ଗାଜର ଘାସକୁ ସମ୍ପୂର୍ଣ୍ଣ ବିନାସ ପାଇଁ ଗଛ ଗୁଡ଼ିକୁ ଉପାଡ଼ି ପୋଡ଼ିଦେଇଥିଲେ । ସର୍ବଶେଷରେ ଗୋଡ଼ିପଲ୍ଲୀ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ । ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗ୍ଲୋବ୍ସ, ସାନିଟାଇଜର ଓ ମାସ୍କ ବିତରଣ କରାଯାଇଥିଲା ।



### ଜଳଶକ୍ତି ଅଭିଯାନର ସଚେତନତା କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ ଜିଲ୍ଲାର ବିଭିନ୍ନ ଗ୍ରାମରେ ଜଳ ଶକ୍ତି ଅଭିଯାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଚାଷୀମାନଙ୍କୁ କୃଷିକ୍ଷେତ୍ରରେ ଜଳର ସୁପରିଚାଳନା କରି ଜଳସଂରକ୍ଷଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ଚାଷୀମାନଙ୍କୁ ଉନ୍ନତ ମାନର ପନିପରିବା ଚାରା ତଥା ପାକଶାଳା ବଗିଚା କରିବା ପାଇଁ ମଞ୍ଜିକିଟ୍ ମାନ ଦିଆଯାଇଥିଲା । ଚାଷୀମାନେ ଏହି ସଚେତନତା କାର୍ଯ୍ୟକ୍ରମକୁ




ପ୍ରଶଂସା କରିବା ସହିତ ଭବିଷ୍ୟତରେ ଏହି ପରି କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସ୍ୱାଗତ ଯୋଗ୍ୟ ବୋଲି ଚାଷୀଭାଇ ମାନେ ମତ ପ୍ରକାଶ କରିଥିଲେ ।

## ବିଶ୍ୱ ମୃତ୍ତିକା ଦିବସ ପାଳନ

ଗତ ଡ଼ିସେମ୍ବର ୫ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ୩୦ ଜଣ ଚାଷୀ ଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ । ମୃତ୍ତିକା ସଂଗ୍ରହ, ବିଶ୍ଳେଷଣ ଓ ଆବଶ୍ୟକ ହେଉଥିବା ସ୍ଥୁଳ ଓ ସୁକ୍ଷ୍ମ ପୋଷକ ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ମୃର୍ତ୍ତିକା ବୈଜ୍ଞାନିକା ଶ୍ରୀମତୀ ଲତା ମଲ୍ଲିକ ଚାଷୀ ଭାଇ ଓ ଭଉଣୀମାନଙ୍କୁ ମୃତ୍ତିକା ସଂଗ୍ରହ ତଥା ପ୍ରୟୋଗ ଶାଳାରେ ତାର ବିଶ୍ଳେଷଣ ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ଜିଆଖତ ଦିଆଯାଇଥିଲା । ମୃତ୍ତିକା ସଂରକ୍ଷଣ ଏବଂ ବୃକ୍ଷ ରୋପଣ କରିବାର ଉପକାରିତା ବିଷୟରେ ଆଲୋକପାତ କରାଯାଇଥିଲା ।




## କୃଷି କ୍ଷେତ୍ରରେ ନିଯୁକ୍ତ ମହିଳା ଦିବସ ପାଳନ

ନୟାଗଡ଼ ଜିଲ୍ଲା ନୟାଗଡ଼ ବ୍ଲକସ୍ଥିତ ବରପଲ୍ଲୀ ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର, ପାଣିପୋଇଲା ତରଫରୁ ଅକ୍ଟୋବର ୪ ତାରିଖରେ କୃଷି କ୍ଷେତ୍ରରେ ନିଯୁକ୍ତ ମହିଳା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୃର୍ତ୍ତିକା ବୈଜ୍ଞାନିକା ଶ୍ରୀମତୀ



ଲତା ମଲ୍ଲିକ ଯୋଗ ଦେଇ ମହିଳାମାନେ କିପରି କୃଷିକ୍ଷେତ୍ରରେ ନିଜକୁ ନିୟୋଜିତ କରି ଆତ୍ମନିର୍ଭରଶୀଳ ବିଷୟରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନଙ୍କୁ ବୁଝାଇଥିଲେ । ଫୁଲଚାଷ, ମହୁଚାଷ, କୁକୁଡ଼ା ପାଳନ, ଛତୁଚାଷ ଭଳି ଆନୁସଙ୍ଗିକ କୃଷି କାର୍ଯ୍ୟ କରି ସ୍ୱଳ୍ପ ଖର୍ଚ୍ଚରେ ରୋଜଗାରକ୍ଷମ ହୋଇପାରିବେ ସେ ସମ୍ବନ୍ଧରେ ତାଲିମ ନେବା ସହ ସରକାରଙ୍କ ଠାରୁ ଋଣ ନେଇ ସ୍ୱାବଲମ୍ବୀ ହେବା ବିଷୟରେ ଆଲୋଚନା କରାଯାଇଥିଲା । ସର୍ବଶେଷରେ ମୃତ୍ତିକା ବୈଜ୍ଞାନିକା ଶ୍ରୀମତୀ ଲତା ମଲ୍ଲିକ ଚାଷୀ ଭଉଣୀମାନଙ୍କୁ ମୃତ୍ତିକାର ସଂଗ୍ରହ, ବିଶ୍ଳେଷଣ ଓ ଆବଶ୍ୟକ ହେଉଥିବା ସ୍ଥୁଳ ଓ ସୁକ୍ଷ୍ମ ପୋଷକଗୁଡ଼ିକ ଉପରେ ଆଲୋଚନା କରି ଉକ୍ତ ଦିବସକୁ ସୁଚାରୁରୂପେ ସମ୍ପାଦନ କରିଥିଲେ ।

**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ଲତା ମଲ୍ଲିକ,
ସୁଚିସ୍ମିତା ଦ୍ୱିବେଦୀ, ତ୍ରିବିଜୟୀ ବଡ଼ଜେନା,
ସ୍ନିଗ୍ଧା ପଟ୍ଟନାୟକ, ଦେବାଶିଷ ନାୟକ,
ରୋଜାଲିନ ପ୍ରହରାଜ



**ଯୋଗଯୋଗ ଠିକଣା**

**କୃଷି ବିଜ୍ଞାନ କେନ୍ଦ୍ର**

ଗ୍ରାମ - ପାଣିପୋଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040

kvknayagarh.ouat@gmail.com